## ସଂକ୍ଷେପରେ

### ଆବାସରୁ ବଞ୍ଚିତ ହିତାଧିକାରୀ ପ୍ରଶାସନର ଦ୍ୱାରସ୍ଥ

ଆଠମଲ୍ଲିକ,୨୩।୫(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମାଞ୍ଚଳ)ରୁ ବଞ୍ଚିତ ବହୁ ହିତାଧିକାରୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କୁ ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ଆବାସ ଯୋଜନାରେ ପୂର୍ବରୁ ସେମାନଙ୍କ ନାମ ଯୋଗ୍ୟ ହିତାଧିକାରୀ ଭାବେ ତାଲିକାଭୁକ୍ତ ହୋଇଥିଲା। ହେଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପରବର୍ତ୍ତୀ ମୁହୂର୍ତ୍ତରେ ଚଞ୍ଚକତା କରି ସେମାନଙ୍କ ନାମ କାଟି ଦେଇଛନ୍ତି। ଏ ନେଇ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ମଧ ନିର୍ବାହୀ ଅଧିକାରୀ କର୍ଣ୍ଣପାତ କରୁ ନ ଥିବାରୁ ବାଧହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିବା ହିତାଧିକାରୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ କହିଛନ୍ତି, ହିତାଧିକାରୀମାନେ ଦେଇଥିବା ଦାବିପତ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦିଆଯିବ।

### ଜମିବାଡ଼ି ବିବାଦରୁ ଜଣେ ଗିରଫ

ଛେଣ୍ଡିପଦା,୨୩।୫(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଟାଙ୍ଗିର ପଞ୍ଚାୟତରେ ଜମିବାଡି ବିବାଦକୁ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଟାଙ୍ଗିର ଗ୍ରାମର ଶୁକ୍ରୁ ମୁଖୀ। ପୋଲିସ କହିଛି, ଟାଙ୍ଗିର ଗ୍ରାମର ମୀନା ମୁଖୀ ତାଙ୍କ ବାଡିରେ ଏକ ସଜନା ଗଛ ଲଗାଇଥିଲେ। ସୀମାବିବାଦକୁ ନେଇ ଶୁକ୍ରୁ ଗଛ ଲଗାଇବା ପାଇଁ ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଉତ୍କ୍ଷିପ୍ତ ହୋଇ ଶୁକ୍ରୁ ମୀନା ମୁଖୀଙ୍କୁ ମାରପିଟ କରିଥିଲେ। ମୀନାଙ୍କ ପୁଅ ବାଦଲ ମୁଖୀ ବାରଣ କରିବାରୁ ଶୁକ୍ରୁ ତାଙ୍କୁ ମଧ ମାଡ଼ ମାରିଥିଲେ। ଫଳରେ ବାଦଲଙ୍କ ମୁଣ୍ଡ ଫାଟିଯାଇଥିଲା। ଏ ନେଇ ମୀନା ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ ୪୪/୨୨ରେ ଏକ ମାମଲା ରୁଜୁ କରି ଶୁକ୍ରୁଙ୍କୁ ଗିରଫ କରିଛି।

### ମାର୍‌ପିଟ ଅଭିଯୋଗରେ ୩ ଗିରଫ

ଛେଣ୍ଡିପଦା,୨୩।୫(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ଫାଣ୍ଡି ଅଧୀନ ଖମାର ଗ୍ରାମ ମାହାରସାହିର ଗୋଲେଖ ମାହାରଙ୍କୁ ମାରପିଟ୍ ଅଭିଯୋଗରେ ୩ ଜଣ ଗିରଫ ହୋଇଛନ୍ତି। ଗୋଲେଖଙ୍କ ପୁଅ ଅଶୋକ ମାହାର ବାଗଡିଆ ଫାଣ୍ଡିରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ବାପା ଗୋଲେଖ ଦୋକାନରୁ ସଉଦା କରି ଘରକୁ ଆସୁଥିବା ବେଳେ ଉକ୍ତ ଗ୍ରାମର ଅକ୍ରୁର ମାହାର, ଚିଲାଣ୍ଟୁ ମାହାର, ସୁମନ୍ତ ମାହାର ଓ ପ୍ରବାସୀ ମାହାର ରାସ୍ତାରେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏକ ଲୁହାଛଡରେ ମାର୍‌ପିଟ କରିଥିଲେ। ଫଳରେ ଗୋଲେଖ ଗୁରୁତର ହୋଇଥିଲେ। ପରିବାର ଲୋକମାନେ ତାଙ୍କୁ ମେଡିକାଲ ନେଇ ଚିକିତ୍ସା କରାଇଥିଲେ। ଅଭିଯୋଗକୁ ଭିତ୍ତି କରି ଛେଣ୍ଡିପଦା ଥାନାରେ ନଂ -୭୦/୨୨ରେ ଏକ ମାମଲା ରୁଜୁ ସହ ପୋଲିସ ୩ ଅଭିଯୁକ୍ତ ଅକ୍ରୁର, ଚିଲାଣ୍ଟୁ ଓ ସୁମନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### କୂଅରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୨୩।୫- ଅନୁଗୋଳ ବ୍ଲକ ଅଙ୍ଗାରବନ୍ଧ ଗ୍ରାମରେ ଜଣେ ବୃଦ୍ଧଙ୍କ କୂଅରେ ପଡ଼ି ମୃତ୍ୟୁ ହୋଇଛି। ମୃତକ ହେଲେ କୁମ୍ଭାରସାହି ଗ୍ରାମର ପ୍ରାଣବନ୍ଧୁ ଦାସ(୮୦)। ରବିବାର ରାତିରେ ପ୍ରାଣବନ୍ଧୁ କୂଅ ଉପରେ ବସିଥିବା ବେଳେ ହଠାତ୍ ଭିତରକୁ ଗଳି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ପରେ ଅନୁଗୋଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ବେଗରେ ଲଗାଯାଉନି ବ୍ରେକ୍

ଅନୁଗୋଳ ଅଫିସ, ୨୩।୫



■ଅନୁଗୋଳ ସହର ରାସ୍ତାରେ କ୍ଷିପ୍ରଗତିରେ ଯାଉଛି ଗାଡ଼ି
■ବେପରୁଆ ଚାଳନା ଯୋଗୁ ଦୈନିକ ଘଟୁଛି ଦୁର୍ଘଟଣା
■ସଡ଼କରେ ନିଜକୁ ଅସୁରକ୍ଷିତ ମଣିଲେଣି ସହରବାସୀ

ଅନୁଗୋଳ ସହରକୁ ଦୁଇଭାଗ କରୁଥିବା ୫୫ନଂ. ଜାତୀୟ ରାଜପଥକୁ ନେଇ ପୂର୍ବରୁ ଡର ଥିଲା। ଦୈନିକ ସହସ୍ରାଧିକ ଭାରିଯାନ ଚଳାଚଳ କରୁଥିବାରୁ ଦୁର୍ଘଟଣା ଆଶଙ୍କା ନେଇ ସର୍ବଦା ଭୟରେ ରହୁଥିଲେ ସହରବାସୀ। ହେଲେ ଏବେ ସହରର ବିଭିନ୍ନ ସଡ଼କକୁ ଅସୁରକ୍ଷିତ ମଣିଲେଣି ଏଠାକାର ଲୋକେ। କାରଣ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକକୁ ଯୋଡୁଥିବା ଟାଉନ ଅଞ୍ଚଳର ରାସ୍ତାଗୁଡ଼ିକରେ କାର୍ ଓ ବାଇକ୍ ଆଦି ହାଲୁକା ଯାନ ଅତି କ୍ଷିପ୍ରଗତିରେ ଯାତାୟାତ କରୁଛି। ଫଳରେ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଏସବୁ ରାସ୍ତାରେ ଗାଡ଼ିର ବେଗ ସୀମା ନିର୍ଦ୍ଧାରଣ କରିବାକୁ ପୋଲିସ କି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯଥେଷ୍ଟ ପଦକ୍ଷେପ ନିଆଯାଉ ନ ଥିବାରୁ ସହରବାସୀଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅନୁଗୋଳ ସହରସ୍ଥିତ ଥାନା ଛକଠାରୁ ଶିଶୁ ଉଦ୍ୟାନ ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚାଳନା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଶୈଳଶ୍ରୀକ୍ଷେତ୍ରରୁ ବିଇଡି କଲେଜ ରାସ୍ତାରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଶିମିଳିପଡ଼ାରୁ ହେମସୁରପଡ଼ା ଦେଇ ଯାଇଥିବା ରାସ୍ତାରେ ଦୈନିକ ଦୁର୍ଘଟଣା ଘଟୁଥିବା ଦୃଶ୍ୟମାନ ହେଉଛି। ପିଟିସି ଛକଠାରୁ ପଞ୍ଚମହଲା ଛକ ମଧରେ ଜିଲା କୋର୍ଟ, ସଭାଘର, ଅନୁଗୋଳ ହାଇସ୍କୁଲ, ଚର୍ଚ୍ଚ, ମସଜିଦ୍, ବିଭିନ୍ନ ବ୍ୟାଙ୍କ, ଅନୁଗୋଳ ମହିଳା ମହାବିଦ୍ୟାଳୟ ସମେତ ମାର୍କେଟ୍ କମ୍ପ୍ଲେକ୍ସ ଆଦି ରହିଛି। ଏଥିସହ ଜିଲା କାର୍ଯ୍ୟାଳୟ, ଅବକାରୀ କାର୍ଯ୍ୟାଳୟ, ସମବାୟ ସମିତି, ବସ୍‌ଷ୍ଟାଣ୍ଡ, ଜେଲ୍ ଏବଂ ବଜାର ଯିବା ପାଇଁ ଏହି ରାସ୍ତା ଉପରେ ସମସ୍ତେ ନିର୍ଭର କରୁଛନ୍ତି। ଏହା ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିଲେ ମଧ ସଡ଼କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନାହିଁ। ଗାଡ଼ିଗୁଡ଼ିକର ଗତିକୁ ନିୟନ୍ତ୍ରଣ କରିବା ପାଇଁ ଥାନା ଛକଠାରୁ ପିଟିସି ଛକ ପର୍ଯ୍ୟନ୍ତ ଜିରୋ ଟଲରେନ୍ସ ଜୋନ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ତାହା କେବଳ ଘୋଷଣାରେ ସୀମିତ ରହିଛି। ଏହି ଅଞ୍ଚଳରେ ଯାନବାହାନଗୁଡିକର ବେଗ ନିର୍ଦ୍ଧାରଣ କରାଯିବାକୁ ଇଣ୍ଟରସେପ୍ଟର୍ ଥିଲେ ମଧ ତାହାକୁ ବ୍ୟବହାର କରାଯାଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ବିଭିନ୍ନ ସାଂକେତିକ ଚିହ୍ନ ଦିଆଯାଉ ନ ଥିବାବେଳେ ସହରରେ ନୋ-ହର୍ନ ଜୋନ୍ ମଧ ନାହିଁ। କୋର୍ଟରେ ଗୁରୁତ୍ୱପୂର୍ଣ୍ଣ ବିଚାର ସମ୍ବନ୍ଧୀୟ କାର୍ଯ୍ୟ ହେଉଥିବା ବେଳେ ଅନୁଗୋଳ ହାଇସ୍କୁଲ ଏବଂ ମହିଳା ମହାବିଦ୍ୟାଳୟରେ ଶିକ୍ଷାଦାନ ହେଉଛି। ଚର୍ଚ୍ଚ, ମସଜିଦ୍‌ରେ ଧାର୍ମିକ କାର୍ଯ୍ୟ ସମ୍ପାଦନ କରାଯାଉଛି। କିନ୍ତୁ ଏହି ରାସ୍ତା ଦେଇ ଯାଉଥିବା ଗାଡିଗୁଡ଼ିକ ଯେଉଁଳି ଉଚ୍ଚଶବ୍ଦ ସୃଷ୍ଟିକାରୀ ହର୍ନ ବଜାଉଛନ୍ତି, ତାହା ବହୁ ସମସ୍ୟା ସୃଷ୍ଟି କରୁଛି। ତେଣୁ ଜିଲା କୋର୍ଟଠାରୁ ହରିମହୁରି ଛକ ପର୍ଯ୍ୟନ୍ତ ଅଞ୍ଚଳକୁ ନୋ-ହର୍ନ ଜୋନ୍ ଘୋଷଣା କରିବାକୁ ଦାବି ହେଉଛି। ସେହିପରି ଜାତୀୟ ରାଜପଥରେ ରୋଡ୍ ଡିଭାଇଡର୍ ବ୍ୟବସ୍ଥା ସହ ୱାନ୍ ୱେ ବ୍ୟବସ୍ଥା ଲାଗୁ କରାଗଲେ ଦୁର୍ଘଟଣା ରୋକାଯାଇପାରିବ ବୋଲି ସହରବାସୀ ମତ ଦେଉଛନ୍ତି। ରାଜପଥର ପିଟିସି ଛକ, ଥାନା ଛକ, ହରିମହୁରୀ ଛକ ଏବଂ ହୁଲୁରୁସିଂହା ଛକଠାରେ ଟ୍ରାଫିକ୍ ପୋଷ୍ଟ ଥିବାବେଳେ ଅନୁଗୋଳ ହାଇସ୍କୁଲ ଛକଠାରେ ଏକ ଟ୍ରାଫିକ୍ ପୋଷ୍ଟର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ପୋଲିସ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଦ୍ରୁତଗତିରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକୁ ଧରାଯାଇ ବିଭିନ୍ନ ସମୟରେ ଜରିମାନା ଆଦାୟ କରାଯାଉଛି। କିନ୍ତୁ କେତୋଟି ସ୍ଥାନରେ ଏଭଳି ଗାଡ଼ିଗୁଡ଼ିକୁ ଅଟକାଇବା ସମ୍ଭବ ହେଉନାହିଁ। ତଥାପି ସହର ମଧରେ ଦ୍ରୁତ ଗତିରେ ଯାନବାହାନ ଚଳାଚଳକୁ ନିୟନ୍ତ୍ରଣ କରିବା ଦିଗରେ ଜୋରଦାର ଉଦ୍ୟମ କରାଯାଉଛି।

#### ନୂଆ ଟେକ୍ନୋଲୋଜି ବ୍ୟବହାର ହେବ



“ଦ୍ରୁତଗତିରେ ଚଳାଚଳ ସହ ବିପଦ ଆଶଙ୍କା ସୃଷ୍ଟି କରୁଥିବା ଗାଡ଼ିଗୁଡ଼ିକ ଉପରେ ନଜର ରଖାଯାଇଛି। କିନ୍ତୁ ଅନେକ ସମୟରେ ଉକ୍ତ ଗାଡ଼ିଗୁଡ଼ିକୁ ଅଟକାଯାଇ ପାରୁନାହିଁ। ଏ ନେଇ ନୂତନ ଟେକ୍ନୋଲୋଜିର ବ୍ୟବସ୍ଥା କରାଯାଉଛି। ଏହାପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ବିଭବ ସାମନ୍ତସିଂହ ରାୟ, ଆଞ୍ଚଳିକ ପରିବହନ ଅଧିକାରୀ

#### ପ୍ରଶାସନର ଅବହେଳାରୁ ଜୀବନ ଯାଉଛି



“ସହର ରାସ୍ତାରେ ହାଲୁକା ଯାନଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରୁଥିବାରୁ ଦୁର୍ଘଟଣା ଆଶଙ୍କା ସର୍ବଦା ଲାଗି ରହୁଛି। ଭାରିଯାନ କଥା ନ କହିବା ଭଲ। ପ୍ରଶାସନିକ ଅବହେଳା କାରଣରୁ ଅନେକ ଜୀବନ ଯାଉଛି। ପରିବହନ, ପୋଲିସ ଓ ପ୍ରଶାସନ ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

-ରଞ୍ଜନ କୁମାର ଧୀର ସାମନ୍ତ, ଅନୁଗୋଳବାସୀ

#### ରାତି ୧୦ ଯାଏ ବନ୍ଦ ହେଉ ଭାରିଯାନ



“ଅନୁଗୋଳ ସହର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି। ତେଣୁ ସକାଳୁ ରାତି ୧୦ଟା ଯାଏ ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଯାଉ। ସହରବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ, ପୋଲିସ ଓ ପରିବହନ ବିଭାଗ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ।

-କଲ୍ୟାଣ କିଶୋର ମହାନ୍ତି, ସଦସ୍ୟ, ସଡ଼କ ସୁରକ୍ଷା କମିଟି

## ରାସ୍ତା, ପୋଖରୀ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଆଠମଲ୍ଲିକ,୨୩।୫(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା ପୋଖରୀ ଓ ରାସ୍ତା କାର୍ଯ୍ୟରେ ଜେସିବି ମେଶିନ ଓ ଟ୍ରାକ୍ଟର ବ୍ୟବହାର କରାଯାଉଥିବା ଓଲଥ ଗ୍ରାମବାସୀ ଅଭିଯୋଗ କରି ସୋମବାର ପଞ୍ଚାୟତିରାଜ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଓଲଥ ଗ୍ରାମର ଜଳବନ୍ଧ କାର୍ଯ୍ୟ ମନରେଗା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ୪ଦିନ ଧରି ଶ୍ରମିକମାନଙ୍କ ଦ୍ୱାରା କାର୍ଯ୍ୟ କରାଯାଇଥିଲା। ହେଲେ ପର ମୁହୂର୍ତ୍ତରେ ଜେସିବି ଓ ଟ୍ରାକ୍ଟର ଲଗାଇ କାର୍ଯ୍ୟ କରାଯାଉଥିବାରୁ ଶ୍ରମିକମାନେ କାମଧନ୍ଦା ନ ପାଇ ବସି ରହିଛନ୍ତି। ସେହିପରି ଗ୍ରାମର ମାହେଶ୍ୱରୀ ମନ୍ଦିରଠାରୁ ଓଲଥ ନଦୀଘାଟ ପର୍ଯ୍ୟନ୍ତ ରାସ୍ତାରେ ମୋରମ ବିଛା ନ ଯାଇ ମେସିନ ସାହାଯ୍ୟରେ ରାସ୍ତା କାର୍ଯ୍ୟ କରାଯାଉଥିବାରୁ ଉଭୟ ପାର୍ଶ୍ୱରେ ଥିବା କେନାଲ ପୋତିହେଉଛି। ଫଳରେ ଖରିଫ ଚାଷ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଉପଜିଲାପାଳ କହିଛନ୍ତି, ଦାବିପତ୍ର ମିଳିଛି। ଏହାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ।

## କୋଠଘର ପାଇଁ ଭୂମି ପୂଜା

ବଇଣ୍ଡା,୨୩।୫(ଡି.ଏନ.ଏ)

ଆଠମଲ୍ଲିକ ବ୍ଲକ ଲିପିଡିଙ୍ଗାଠାରେ ସୋମବାର କୋଠ ଘର ନିର୍ମାଣ ପାଇଁ ଭୂମିପୂଜା କରାଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଭୂମିପୂଜା କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ବିଜୟ ମହାକୁଡ, ଚିତ୍ତରଞ୍ଜନ ମିଶ୍ର, କାଉନସିଲର ନୂତନ ବେହେରା, ରବୀନ୍ଦ୍ର ଦାସ, ଚିତ୍ତରଞ୍ଜନ ପାଣିଗ୍ରାହୀ, କୃପାସିନ୍ଧୁ ବାରିକ, ବାବୁଲି ପାଣିଗ୍ରାହୀ, ରତନ ବେହେରା, ରମେଶ ଗୋପାଳଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ। ଏହି କୋଠ ଘର ପାଇଁ ଅଞ୍ଚଳବାସୀ ବହୁ ବର୍ଷ ହେବ ଦାବି କରୁଥିବାବେଳେ ଖୁବ୍‌ଶୀଘ୍ର ନିର୍ମାଣ ହେବ ବୋଲି ବିଧାୟକ ପ୍ରକାଶ କରିଥିଲେ।



ଭୂମିପୂଜା କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ୨୪ରୁ ରାତ୍ରିକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ

ଅନୁଗୋଳ ଅଫିସ,୨୩।୫

ଅନୁଗୋଳ ବ୍ଲକ ସୁସୁଡା ପଞ୍ଚାୟତର ନବତୀର୍ଥ ପଡିଆ (ସୋମନାଥପୁର ଶ୍ମଶାନ ପଡିଆ) ଠାରେ ମେ ୨୪ ତାରିଖରୁ ରାତ୍ରିକାଳୀନ ୧୪ ତମ ଅଲ୍ ଇଣ୍ଡିଆ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ୮ ଗୋଟି ଟିମ୍ ଯୋଗଦେବେ। ସାଇ ଇଲେଭେନ୍ ଭୁବନେଶ୍ୱର, ଏସିସି ଅନୁଗୋଳ, ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ, କେନ୍ଦୁଝର, ୟୁନିୟନ ସ୍ପୋର୍ଟିଂ କଟକ, ବିସିଏ ମୁମ୍ବାଇ, ଏମ୍‌ଏମ୍‌ସିସି ସମ୍ବଲପୁର, କୋଲକାତା ଟିମ୍ ଏଥିରେ ଅଂଶଗ୍ରହଣ କରିବେ। ଏହି ଖେଳ ଚାରିଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଓ ଦ୍ୱିତୀୟ ଦିବସରେ ଅପରାହ୍ନ ୩ ଘଟିକା ଓ ୬ ଘଟିକାରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ। ଆସନ୍ତା ୨୭ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ।

## ଜନଶୁଣାଣି ଶିବିରରେ ୧୨୫ ଅଭିଯୋଗ

ଅନୁଗୋଳ ଅଫିସ,୨୩।୫

ଅନୁଗୋଳ ଜିଲା ତାଳଚେର ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦାଖଲ ହୋଇଥିବା ସମୁଦାୟ ୧୨୫ ଅଭିଯୋଗରୁ ୧୦୧ଟି ବ୍ୟକ୍ତିଗତ ଓ ୨୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଶିକ୍ଷା, ରାସ୍ତା,ପାନୀୟ ଜଳଯୋଗାଣ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ତାଳଚେର ଉପଜିଲାପାଳ ବିଶ୍ୱ ରଞ୍ଜନ ରଥ, ତାଳଚେର ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱାତୀ ଏସ୍ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।



ଜିଲାପାଳ ଅଭିଯୋଗଗୁଡ଼ିକର ଶୁଣାଣି କରୁଛନ୍ତି।

## ବ୍ରାହ୍ମଣ ନିଗମ ଗଠନ ପ୍ରସ୍ତାବ ଗୃହୀତ

ଅନୁଗୋଳ ଅଫିସ,୨୩।୫

ଅନୁଗୋଳ ଜିଲା ବ୍ରାହ୍ମଣ ମହାସଂଘ ସଭାପତି ଶଶାଙ୍କ ଶେଖର ପାଣି ଓ କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବ୍ୟୋମକେଶ ଶତପଥୀଙ୍କ ଆବାହକତ୍ୱରେ ଅନୁଗୋଳ ଜିଲା ବ୍ରାହ୍ମଣ ମହାସଂଘର ସପ୍ତଦଶ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ଶଶାଙ୍କ ଶେଖର ପାଣିଙ୍କ ସଭାପତିତ୍ୱରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସମ୍ପାଦକ ପ୍ରଭାତ କୁମାର ରଥଙ୍କ ଦ୍ୱାରା ରଚିତ ଶ୍ରୀମଦ୍ ଭଗବତ ଗୀତାମୃତ ପୁସ୍ତକକୁ ଡ. ରବିନାରାୟଣ ପଣ୍ଡା ଉନ୍ମୋଚିତ କରିଥିଲେ। ଆସନ୍ତା ଜୁନ ୨୬ ତାରିଖରେ ମହାସଂଘର ଅଷ୍ଟାଦଶ କାର୍ଯ୍ୟକାରିଣୀ ବୈଠକ ବସିବ ବୋଲି ସ୍ଥିର କରାଯାଇଥିଲା। ଏଥିରେ ଜିଲାର ସମସ୍ତ ବ୍ରାହ୍ମଣ ତଥା ଆଞ୍ଚଳିକ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ଉପସ୍ଥିତ ରହି ନୂତନ କର୍ମକର୍ତ୍ତା ଚୟନ କରିବାରେ ସହଯୋଗ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା। ଏଥିସହ ଓଡ଼ିଶାର ବ୍ରାହ୍ମଣମାନଙ୍କ ପାଇଁ ସରକାରୀସ୍ତରରେ ବ୍ରାହ୍ମଣ ନିଗମ ଗଠନ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ସଙ୍ଗଠନର ଅର୍ଥ ସଂଗ୍ରହ ବାବଦରେ ଆଲୋଚନା ହୋଇ ଏକ କମିଟି ଗଠନ କରାଯାଇଥିଲା। ସନ୍ତୋଷ କୁମାର ମିଶ୍ର, ଅଜୟ କୁମାର ତ୍ରିପାଠୀ, ରଞ୍ଜନ କୁମାର କର, ଗୁଣାକର ଶତପଥୀ, ବିପିନ କୁମାର ମିଶ୍ର, ଅଶୋକ କୁମାର କର, ମନୋଜ କୁମାର ମହାପାତ୍ର, ନୃସିଂହଚରଣ ମିଶ୍ର, ଗୋପୀନାଥ ତ୍ରିପାଠୀ, ଦ୍ୱାରିକା ନନ୍ଦ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, କାଶୀନାଥ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

## ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଛେଣ୍ଡିପଦା,୨୩।୫(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାଗଡିଆ ଫାଣ୍ଡି ଅଞ୍ଚଳର ସମ୍ପୃକ୍ତା ନାବାଳିକା ତାଙ୍କ ସମ୍ପର୍କୀୟମାନଙ୍କ ସହ ଚନ୍ଦନଯାତ୍ରା ଦେଖିବାକୁ ବାଗଡିଆ ଆସିଥିଲେ। ନାବାଳିକାଙ୍କୁ ଏକୁଟିଆ ଦେଖି ଶିମିଳିପାଳ ପଞ୍ଚାୟତ ଘଅଡ ଗ୍ରାମର ଭୁବନ ପେଣ୍ଠେଇ ତାଙ୍କୁ ଅଶ୍ଳୀଳ ବ୍ୟବହାର କରିବା ସହିତ ଓଢ଼ଣିକୁ ଟଣା ଓଟରା କରିଥିଲେ। ଏହି ସମୟରେ ନାବାଳିକାଙ୍କ ସମ୍ପର୍କୀୟ ପଳାଇ ଆସିବାରୁ ଅଭିଯୁକ୍ତ ସେଠାରୁ ପଳାଇଯାଇଥିଲେ। ଏ ନେଇ ନାବାଳିକା ଜଣକ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଛେଣ୍ଡିପଦା ଥାନାରେ ନଂ ୨୪୮/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ଅର୍ମାନଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧନା

ବଇଣ୍ଡା,୨୩।୫(ଡି.ଏନ.ଏ)

କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଶିକ୍ଷକ ଅଶୋକ କୁମାର ଜେନାଙ୍କ ପୁଅ ଅର୍ମାନ ଅନିମେଷ ଜେନା (୮) ୨୦୨୨ ମସିହାର ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ତାଙ୍କୁ ସୋମବାର ହଣ୍ଡପା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ରଶ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ ଯୋଗଦେଇ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱରଞ୍ଜନ ପ୍ରଧାନ, ଅଜୟ ପ୍ରଧାନ, ଧରଣି ରାଉତ, ପରମା ସାହୁ, ବାପୁଜୀ ପ୍ରଧାନ, ରଞ୍ଜିତ ବିଶାଳ, ସୁଶାନ୍ତ ପ୍ରଧାନ, ଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ସମ୍ବର୍ଦ୍ଧନା ସଭାରେ ଅର୍ମାନଙ୍କ ସହ ଅନ୍ୟମାନେ।

## ୩ ସମିତି ପାଇବେ ପୁରସ୍କାର

ଆଠମଲ୍ଲିକ,୨୩।୫(ଡି.ଏନ.ଏ.)

ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟ କରିଥିବା ବନ ସୁରକ୍ଷା ସମିତିକୁ ୭୩ ତମ ବନ ମହୋତ୍ସବ ଅବସରରେ ଜଙ୍ଗଲ ବିଭାଗ ତରଫରୁ ପୁରସ୍କୃତ କରାଯିବ। ଏହି ଉପଲକ୍ଷେ ୫ଟି ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ୧୫ଟି ବନ ସୁରକ୍ଷା ସମିତିର ନାମ ସୁପାରିଶ କରାଯାଇଥିଲା। ସୋମବାର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଡିଏଫ୍‌ଓ ଏସ. ଆନନ୍ଦଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଏଫ୍‌ଓ ଏସ. ଆନନ୍ଦଙ୍କ ସମେତ ଅତିରିକ୍ତ ତହସିଲଦାର ଅଶୋକ କୁମାରୀ ଦେହୁରୀ, ଏସିଏଫ୍ ଗୌରୀ ଶଙ୍କର ଦାସ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଧାନ ସମ୍ପାଦକ ବିନୟ କୁମାର ପଟ୍ଟନାୟକ ଚୟନ କମିଟି ବୈଠକରେ ଭାଗ ନେଇଥିଲେ। ଉକ୍ତ ବୈଠକରେ ୧୫ଟି ବନ ସୁରକ୍ଷା ସମିତି ମଧ୍ୟରୁ ୩ ସମିତିକୁ ପୁରସ୍କାର ପାଇଁ ଚୟନ କରାଯାଇଥିଲା। ବନଖଣ୍ଡସ୍ତରୀୟ ପ୍ରଥମ ସମିତିକୁ ୨୦ ହଜାର ଓ ରାଜ ସ୍ତରୀୟ ପ୍ରଥମ ବିଜେତାକୁ ୨ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣା ପଡିଛି।




ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଆଜିଠାରୁ ଦୋକାନ ଉଚ୍ଛେଦ

ଅନୁଗୋଳ ଅଫିସ, ୨୩।୫

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଫାଟକ ଛାତରୁ ପଲସ୍ତରା ଖସିବା ଘଟଣା ପରେ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଫାଟକକୁ ମେଡିକାଲ କର୍ତ୍ତୃପକ୍ଷ ତାଲା ପକାଇ ବନ୍ଦ କରିଦେଇଥିଲେ। ହେଲେ ରୋଗୀଙ୍କ ଅବଗତ ପାଇଁ ସେପରି କିଛି ବ୍ୟବସ୍ଥା କରାଯାଇ ନ ଥିବାରୁ ଦୂର ଦୂରାନ୍ତରୁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ ବାଟବଣା ହେଉଥିଲେ। ଏ ନେଇ ଗତ ଶନିବାର 'ଧରିତ୍ରୀ'ରେ 'ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଟ ଖୋଜୁଛନ୍ତି ରୋଗୀ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଏହି ଗେଟ୍ ଉପରେ ଦୋକାନ ନିର୍ମାଣ କରିଥିବା ପୌର କର୍ତ୍ତୃପକ୍ଷ ତତ୍ପରତା ଦେଖାଇଥିଲେ। ଏପରିକି ସମ୍ପୃକ୍ତ ଦୋକାନୀଙ୍କୁ ଚାବି ମାଗିବା ସହ ଦୋକାନ ଖାଲି କରିବାକୁ କହିଥିଲେ। ସୋମବାର ଦୋକାନୀ ପୌର କାର୍ଯ୍ୟାଳୟରେ ଚାବି ଦାଖଲ କରିଥିବାରୁ ମଙ୍ଗଳବାରଠାରୁ ଫାଟକ ଉପରେ ଥିବା ଦୋକାନ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ଫାଟକ ଛାତ ଉପରେ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୋକାନ ନିର୍ମାଣ କରାଯାଇଛି। ଫଳରେ ଉକ୍ତ ଫାଟକ ଛାତ ଦୁର୍ବଳ ହୋଇଯାଇଥିବାରୁ ଗତ ରବିବାର ବଡ଼ ଆକାରରେ ପଲସ୍ତରା ଖସିଥିଲା। ଏହାପରେ ମେଡିକାଲ କର୍ତ୍ତୃପକ୍ଷ ସୁରକ୍ଷା ଦୃଷ୍ଟିରୁ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ପଛପାର୍ଶ୍ୱ ଫାଟକରେ ଯାତାୟତ କରିବାକୁ ସୂଚନା ଥିବା ଏକ କାଗଜ ମାରି କାମ ସାରିଦେଇଥିଲେ। ସେଠାରେ କୌଣସି ସୁରକ୍ଷା କର୍ମୀ କିମ୍ବା ହେଲ୍ପଡେସ୍କ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ନ ଥିଲା। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ବାଟବଣା ହେଉଥିଲେ। ଏ ନେଇ ଅସନ୍ତୋଷ ପ୍ରକାଶ ପରେ ପୌର କର୍ତ୍ତୃପକ୍ଷ ମେଡିକାଲର ମୁଖ୍ୟ ଫାଟକ ଉପରେ ଥିବା ଦୋକାନକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମ୍ପୃକ୍ତ ବ୍ୟବସାୟୀଙ୍କୁ ଆଗୁଆ ଅବଗତ କରାଯିବା ପରେ ଦୋକାନୀ ଜଣଙ୍କ ଚାବି ପୌର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଦୋକାନ ଚାବି ହସ୍ତଗତ ହୋଇଛି। ମଙ୍ଗଳବାରଠାରୁ ମୁଖ୍ୟ ଫାଟକ ଉପରେ ଥିବା ଦୋକାନ ଉଚ୍ଛେଦ କରାଯିବ। ଫାଟକ ମରାମତି କରାଯିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ।



#### ଚାବି ଦାଖଲ କଲେ ବ୍ୟବସାୟୀ

## ସଂକ୍ଷେପରେ

### ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ପାଇଁ ଅନୁମତି ଦାବି

ଢେଙ୍କାନାଳ ଅଫିସ,୨୩।୫: ଢେଙ୍କାନାଳ ଜିଲା ସଦର ବ୍ଲକ ସିଆରିଆ ଗ୍ରାମବାସୀ ଗ୍ରାମରେ ଜଙ୍ଗଲ ସୃଷ୍ଟି କରିବା ପାଇଁ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଅନୁମତି ମାଗିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଗ୍ରାମରେ ଥିବା ଏକ କିସମ ଗ୍ରାମ୍ୟ ଜଙ୍ଗଲ ଜମିର କିଛି ଅଂଶକୁ କେତେଜଣ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରିଛନ୍ତି। ଉକ୍ତ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଗ୍ରାମବାସୀ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର, ଜଙ୍ଗଲ ବିଭାଗ ମନ୍ତ୍ରୀ ଓ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଜଣାଇଛନ୍ତି। ଉକ୍ତ ଜମିକୁ ଯଥାଶୀଘ୍ର ଚିହ୍ନଟ କରି ଦିଆଗଲେ ଗ୍ରାମବାସୀ ସେଠାରେ ବିଭିନ୍ନ ପ୍ରକାର ଫଳ ଏବଂ ଅନ୍ୟାନ୍ୟ ଚାରା ରୋପଣ କରି ନୂତନ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବେ ବୋଲି ସିଆରିଆ ଗ୍ରାମ୍ୟ କମିଟି ସଭାପତି ପ୍ରେମାନନ୍ଦ ରାଉତ, ସମ୍ପାଦକ ବସନ୍ତ କୁମାର ସାହୁ, ବିଦୁର କୁମାର ସାମଲ, ଉଦ୍ଧବ ରାଉତ, ଚିନ୍ତାମଣୀ ମହାନ୍ତିଙ୍କ ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।

### ଦୁର୍ଘଟଣାରେ ମହିଳା ମୃତ

**ଢେଙ୍କାନାଳ ଅଫିସ,୨୩।୫:** ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି କୋଇଲିପଙ୍ଗି ନିକଟରେ ସୋମବାର ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଗୋଟିଏ ବାଇକ୍‌ରେ ସ୍ୱାମୀଙ୍କ ସହିତ ଯାଉଥିବା ସିମିନଇ ଗ୍ରାମର ବାସନ୍ତୀ ସିଂହ(୪୦)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ତାଙ୍କ ସ୍ୱାମୀ ବିଭୂତି ସିଂହ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଉଭୟେ କଟକ ଜିଲା ଆଠଗଡ ନୂଆପାଟଣା ଅଞ୍ଚଳରୁ ବାଇକ୍ ଯୋଗେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ଦମ୍ପତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ବାସନ୍ତୀଙ୍କୁ ମୃତ ଘୋଷଣା କରିଥିଲେ। ଭାପୁର ଫାଣ୍ଡି ଓ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ

ବଇଣ୍ଡା,୨୩।୫(ଡି.ଏନ.ଏ)- କିଶୋରନଗର ବ୍ଲକ ହଣ୍ଡପା ଥାନା ଅଁଳାବେରେଣୀ ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଗ୍ରାମର ତିଳୋତ୍ତମା ବେହେରାଙ୍କୁ ସେହି ଗ୍ରାମର ବିଜୟ ବେହେରା କୌଣସି କାରଣ ନ ଥାଇ ମାଡ଼ ମାରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୩୧ /୨୨ ରେ ଏକ ମାମଲା ରୁଜୁ କରିଛି। ସେହିପରି ବିଜୟ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ପୂର୍ବଶତ୍ରୁତାକୁ ନେଇ ତାଙ୍କୁ ତିଳୋତ୍ତମାଙ୍କ ସମ୍ପର୍କୀୟ ଲାଜି ସାହୁ, ରାଜେଶ ପ୍ରଧାନ, ଦିଲୀପ ଶଣ୍ଢ, ବିପିନ ଗୋଛାୟତ, ଭୀମ ଗୋଛାୟତ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନମ୍ବର ୧୩୩/୨୨ ରେ ଏକ ମାମଲା ରୁଜୁ କରିଛି।

### ବ୍ୟାଟେରି ଚୋରି ଅଭିଯୋଗ

ବଇଣ୍ଡା,୨୩।୫(ଡି.ଏନ.ଏ)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାପଘରା ପଞ୍ଚାୟତ ରାଇନାଳି ଆଶ୍ରମ ବିଦ୍ୟାଳୟରେ ଲାଗିଥିବା ସୋଲାର ଲାଇଟ ଗୁଡିକରୁ ୭ଟି ବ୍ୟାଟେରି ଓ ଏକ ଲାଇଟ ଚୋରି ହୋଇଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସିଂ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୩୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ରବିବାର ରାତିରେ ଉକ୍ତ ବିଦ୍ୟାଳୟରେ କେତେଜଣ ଯୁବକ ପଶି ଲାଇଟ ସହ ବ୍ୟାଟେରି ଚୋରି କରିନେଇଥିଲେ।

# ମଦବିକ୍ରି ବନ୍ଦ କରିବାରୁ ଗାଳି, ଅସଦାଚରଣ ଅଭିଯୋଗ


ଜିଲାପାଳଙ୍କୁ ଅଭିଯୋଗ କରିବା ପାଇଁ ଆସିଥିବା ବରଦା ପଞ୍ଚାୟତର ମହିଳାମାନେ।

**ଢେଙ୍କାନାଳ ଅଫିସ,୨୩।୫**

- ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ମହିଳା ସଂଘ
- ବର୍ଷକରେ ମଦ ପିଇ ୬ ଜଣ ମରିଛନ୍ତି
- କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନର ପ୍ରତିଶ୍ରୁତି

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବରଦା, କୁଶିଦା, ସୋଗରଦିଆଣୀ ଗ୍ରାମର ମା' ଦୁର୍ଗତିନାଶିନୀ ନିଶା ନିବାରଣ ମହିଳା ସଂଘ ନ୍ୟାୟ ପାଇଁ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ଗ୍ରାମରେ ଦେଶୀ ମଦ ବ୍ୟବସାୟ ଦିନକୁ ଦିନ ବଢୁଥିବା ବେଳେ ମଦ୍ୟପମାନେ ବିଶୃଙ୍ଖଳା ବଢ଼ାଉଛନ୍ତି। ଏହାକୁ ବିରୋଧ କଲେ ମହିଳାମାନଙ୍କୁ ଗାଳିଗୁଲଜ ଓ ଅସଦାଚରଣ କରାଯାଉଛି। ବର୍ଷକ ମଧ୍ୟରେ ମଦ ପିଇ ଗାଁର ୬ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବାରୁ ସେମାନଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛି। ଏହି ଘଟଣାର ପ୍ରତିବାଦ କରି ସଂଘ ପକ୍ଷରୁ ବରଦା ପଞ୍ଚାୟତରେ ମଦ ବିକ୍ରିକୁ ବନ୍ଦ କରାଯିବାରୁ ୪ଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମହିଳାମାନଙ୍କୁ ଗାଳିଗୁଲଜ କରିବା ସହିତ ଅସଦାଚରଣ କରୁଥିବା ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ମହିଳାମାନେ ଗଁଦିଆ ଥାନାରେ ଗତ ୨୦ ତାରିଖରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଗ୍ରାମରେ ମଦ୍ୟପଙ୍କ ଉତ୍ପାତ ବନ୍ଦ କରିବା ସହିତ ମଦ ବିକ୍ରି ବନ୍ଦ କରିବା ଏବଂ ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ସଂଘର କମଳିନୀ ଖଟୁଆ, ସଞ୍ଜୁ ସାମଲ, ସାରଙ୍ଗ ସାହୁ, ନୋଭା ସାହୁ, ଗୋଲାପ ସାହୁ, ଦଣ୍ଡେଇ ସାହୁ ପ୍ରମୁଖଙ୍କ ସମେତ ବହୁ ମହିଳା ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଏଥିସହିତ ମହିଳାମାନେ ଜିଲା ଅବକାରୀ କାର୍ଯ୍ୟାଳୟକୁ ମଧ୍ୟ ଘେରାଉ କରିଥିଲେ। ଉପ ଅବକାରୀ ଅଧୀକ୍ଷକ ମହିଳାମାନଙ୍କୁ ବୁଝାସୁଝା କରିଥିଲେ। ଏ ସଂକ୍ରାନ୍ତରେ ଉପ ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟନାୟକ କହିଛନ୍ତି, ଗଁଦିଆ ବ୍ଲକ ବରଦା ପଞ୍ଚାୟତରୁ ଆସିଥିବା ମହିଳାମାନଙ୍କ ଅଭିଯୋଗ ପାଇଛୁ। ଅଭିଯୋଗ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦସ୍ତଖତ ଅଭିଯାନର ସମୀକ୍ଷା, ମିଶ୍ରଣପର୍ବ

**ଢେଙ୍କାନାଳ ଅଫିସ,୨୩।୫**

ଢେଙ୍କାନାଳ ଜିଲା ଭୁବନ ଶିବ ମନ୍ଦିରଠାରେ ଆମ୍ ଆଦମୀ ପାର୍ଟି (ଏଏପି)ର ସାଙ୍ଗଠନିକ ବୈଠକ ବରିଷ୍ଠ ସଦସ୍ୟ ଅଶୋକ ଜେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅଧିକାଂଶ ଯୁବକ ଏଏପିର କାର୍ଯ୍ୟଶୈଳୀ ଓ ଦିଲ୍ଲୀ ମଡେଲ ଉପରେ ବିଶ୍ୱାସ କରି ଦଳରେ ଯୋଗ ଦେଇଥିଲେ। ଜିଲା ଆବାହକ ପଙ୍କଜ ନାୟକ ନୂତନ ସଦସ୍ୟମାନଙ୍କୁ ଦଳରେ ସାମିଲ କରାଇ ନୀତି ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ୨୦୦ ୟୁନିଟ୍ ବିଜୁଳି ଦେୟମୁକ୍ତ ପାଇଁ ଜିଲାରେ ଚାଲିଥିବା ଦସ୍ତଖତ ଅଭିଯାନର ସମୀକ୍ଷା କରିଥିଲେ। ଗଁଦିଆ ବ୍ଲକ ଆବାହକ ସୌମ୍ୟରଞ୍ଜନ ବେହେରା ପ୍ରତ୍ୟେକ ପଞ୍ଚାୟତରେ ସଙ୍ଗଠନ କରିବା, ଗ୍ରାମାଞ୍ଚଳରେ ବିଜୁଳି ଆନ୍ଦୋଳନ ପାଇଁ ଦସ୍ତଖତ ସଂଗ୍ରହ ପାଇଁ ଆହ୍ୱାନ ଦେଇଥିଲେ। ଶୈଳେଶ ପାତ୍ରଙ୍କୁ ବ୍ଲକର ଯୁବ ନେତୃତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବ୍ଲକର ପ୍ରତ୍ୟେକ ଗ୍ରାମର କର୍ମୀମାନଙ୍କ ପାଖରେ ଦସ୍ତଖତ ଫର୍ମ ପହଞ୍ଚାଇବା ପାଇଁ ମଧୁସୂଦନ ମଲ୍ଲିକ, ରାକେଶ ସାହୁ, ଜଗନ ଆଚାର୍ଯ୍ୟ, ପ୍ରଦୋଷ କୁମାର ରାଉତ, ଜଳଧର ମଲ୍ଲିକ ଓ କୃଷ୍ଣଚନ୍ଦ୍ର ମଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ଭୁବନ ବିଜ୍ଞାପିତ ପରିଷଦ ଅଞ୍ଚଳରେ ମହେଶ୍ୱର ସାହୁ, ଅଶୋକ ସାହୁ, ସଞ୍ଜୟ କୁମାର ସାହୁ, ବିଶ୍ୱନାଥ ବାବା ଦସ୍ତଖତ ଅଭିଯାନ ଦାୟିତ୍ୱ ନେଇଥିଲେ।


ଏଏପିର ମିଶ୍ରଣପର୍ବ ଅବସରରେ ନୂଆ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ୫୪ ଶିକ୍ଷକ, କର୍ମଚାରୀଙ୍କ ଦରମା ବନ୍ଦ

**ଢେଙ୍କାନାଳ ଅଫିସ,୨୩।୫**

**ଠିକ୍ ସମୟରେ ସ୍କୁଲରେ ପହଞ୍ଚି ନ ଥିବାରୁ କାର୍ଯ୍ୟାନୁଷ୍ଠାନ**

ନିର୍ଦ୍ଧାରିତ ସମୟ ଅନୁଯାୟୀ ସ୍କୁଲରେ ପହଞ୍ଚି ନ ଥିବାରୁ ଢେଙ୍କାନାଳ ଜିଲାର ୫୪ ଶିକ୍ଷକ ଓ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଶିକ୍ଷକ ଓ କର୍ମଚାରୀ ମହଲରେ ଛନକା ପଶିଯାଇଛି।

ପ୍ରକାଶ ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ଏବଂ ଜିଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମିଳିତ ତତ୍ତ୍ୱାବଧାନରେ ବିଭିନ୍ନ ସ୍କୁଲରେ ଯାଞ୍ଚ କରାଯାଇଥିଲା। ଗତ ୨୧ ତାରିଖରେ ଯାଞ୍ଚ ବେଳେ ସକାଳ ୬ଟା ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ୪୧ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଣ ଶିକ୍ଷକ ସ୍କୁଲରେ ପହଞ୍ଚି ନ ଥିବା ଦେଖାଯାଇଥିଲା। ଫଳରେ ସେମାନଙ୍କ ଦରମା ବନ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସୋମବାର ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ବେଳେ ୧୩ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଠିକ୍ ସମୟରେ ପହଞ୍ଚି ନ ଥିବା ଜଣାପଡ଼ିଥିଲା।

ଫଳରେ ସେମାନଙ୍କ ଦରମା ବନ୍ଦ କରାଯିବା ସହିତ କିଛି ଅଣ ଶିକ୍ଷକ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ଚଢ଼ାଉ ଫଳରେ ଅନ୍ୟ ବିଦ୍ୟାଳୟର କର୍ମଚାରୀମାନେ ସଚେତନ ହେବା ସହିତ ସକାଳ ୬ଟା ପୂର୍ବରୁ ଉପସ୍ଥିତ ରହି ପୂର୍ବବର୍ଷ ପାଠ୍ୟକ୍ରମର ଶିକ୍ଷା ସଂଶୋଧନ କାର୍ଯ୍ୟକ୍ରମ ସଫଳ ରୂପାୟନ କରିପାରିବେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

# ରାସାୟନିକ କୃଷିରୁ କୃଷକଙ୍କୁ ମୁକ୍ତ ରଖାଯାଉ

**ଢେଙ୍କାନାଳ ଅଫିସ,୨୩।୫**

**ଆତ୍ମନିର୍ଭର କୃଷକ ଅଭିଯାନ ଉଦ୍‌ଘାଟିତ**

ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ପାଳନ ଅବସରରେ ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଅନ୍ତର୍ଗତ କୃଷି ଓ ଗ୍ରାମ ବିକାଶ ପ୍ରଭାଗ ମାଉଣ୍ଟଆବୁ ଏବଂ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଢେଙ୍କାନାଳ ଶାଖାର ମିଳିତ ସହଯୋଗରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ଆତ୍ମନିର୍ଭର କୃଷକ ଅଭିଯାନ-୨୦୨୨ ଉଦ୍‌ଘାଟିତ ହୋଇଯାଇଛି। କୃଷି ଓ ଗ୍ରାମ ବିକାଶ ପ୍ରଭାଗ ମାଉଣ୍ଟଆବୁର ଅଧ୍ୟକ୍ଷା ରାଜଯୋଗିନୀ ବ୍ରହ୍ମାକୁମାରୀ ସାରଳା ଦିଦି ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷକମାନେ ଏବେ ସଶକ୍ତ ହେବାର ସମୟ ଆସିଛି ବୋଲି କହିଥିଲେ। ଏଥିସହ ରସାୟନିକ କୃଷିଠାରୁ କୃଷକମାନଙ୍କୁ ମୁକ୍ତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଏମ୍‌ପି ମହେଶ ସାହୁ, ରାସାୟନିକ ସାର ବିଷୟରେ କୃଷକମାନଙ୍କୁ ଉତ୍ସାହ ନ କରି ଗୋପାଳନ ବିଷୟରେ ଗୁରୁତ୍ୱ ଦେଲେ ଚାଷୀମାନଙ୍କ ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ କୃଷକମାନଙ୍କୁ ପ୍ରାକୃତିକ କୃଷି ପଦ୍ଧତି ବିଷୟରେ ସଚେତନ କରିବାକୁ ପଡିବ ବୋଲି କହିଥିଲେ। ଢେଙ୍କାନାଳ ବ୍ରହ୍ମାକୁମାରୀ ଶାଖାର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ଉଷା ଓ କଟକ ଜୋନ୍‌ର ଅତିରିକ୍ତ ନିର୍ଦ୍ଦେଶକ ବ୍ରହ୍ମାକୁମାରୀ ସୁଲୋଚନା ଏହି ଅଭିଯାନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସୋମବାର ପୂର୍ବାହ୍ନରେ ଜିଲାପାଳ ସରୋଜ କୁମାର ସେଠୀ ଓ ପୌର ପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର ଆତ୍ମନିର୍ଭର କୃଷକ ଅଭିଯାନର ଶୋଭାଯାତ୍ରା ଓ ରଥକୁ ମିନି ଷ୍ଟାଡିୟମଠାରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ରଥ ଜିଲାର ହିନ୍ଦୋଳ, ଓଡାପଡା, ଗଁଦିଆ, ସଦର ଓ କଙ୍କଡାହାଡ ବ୍ଲକରେ ପରିକ୍ରମା କରି କୃଷକମାନଙ୍କୁ ଜୈବିକ କୃଷି ସହିତ ଯୌଗିକ କୃଷି ସମ୍ପର୍କରେ ଅବଗତ କରିବ।


ଶୋଭାଯାତ୍ରାକୁ ଜିଲାପାଳ ଓ ପୌରାଧକ୍ଷା ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ପଞ୍ଚୁପଡା ଛାତ୍ର ସଂଘ ପକ୍ଷରୁ ନାଟକ ମଞ୍ଚସ୍ଥ

**ସାତମାଇଲ,୨୩।୫(ଡି.ଏନ.ଏ)**

ହିନ୍ଦୋଳ ଉପଖଣ୍ଡ ଚିତ୍ତଳପୁର ପଞ୍ଚାୟତ ପଞ୍ଚୁପଡା ଗ୍ରାମରେ ପଞ୍ଚୁପଡା ଛାତ୍ର ସଂଘ ତରଫରୁ ରବିବାର 'ଲୁହରେ ଲେଖା ମୋ କପାଳ ରେଖା' ଶୀର୍ଷକ ଏକ ସାମାଜିକ ନାଟକ କଦମ୍ବପଡା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଯାଇଛି। ନବୀନ କୁମାର ମହାପାତ୍ରଙ୍କ ଦ୍ୱାରା ରଚିତ ଓ ପ୍ରଣୟ ସାହୁଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଛାତ୍ର ସଂଘର ଯୁବକଳାକାର ଭୁବୁନି, ଦୀପକ, ଧର୍ମରଞ୍ଜନ, ଦିଲୁ, କ୍ଷୀରୋଦ, ବବୁଲ, ଲୁଲୁ, ପ୍ରବୀର, ଗୁଡୁ, ଚିକୁ, ବୁଢା, ବାବୁନା, ବାପୁନ, ପ୍ରୀତମ, ସୋନୁ, ଚିକୁନ, ପିକୁନ, ସିପୁନ, ବାବୁ ଏବଂ ଜ୍ୟୋତି, ବାସନ୍ତୀ, ସୋନି ଓ ଟିଁକି ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରାଇଥିଲେ। ମୃତ୍ୟୁଞ୍ଜୟ, ହାପି, ରାଜୁ, ବଟ, କାଲୁ, ହେମନ୍ତ ପ୍ରମୁଖ ଛାତ୍ର ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ନାଟକରେ ଅଭିନୟ କରିଥିବା କଳାକାରମାନେ।

# ଝାଡ଼ାବାନ୍ତି: ୭ ଛାତ୍ରୀ ମେଡିକାଲରେ ଭର୍ତ୍ତି

**କାମାକ୍ଷାନଗର,୨୩।୫(ଡି.ଏନ.ଏ)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ରାଇବୋଲ ପଞ୍ଚାୟତ କୋରିଆପାଳ ସେବାଶ୍ରମରେ ଝାଡାବାନ୍ତି ଯୋଗୁ ୭ ଛାତ୍ରୀ ଅସୁସ୍ଥ ହୋଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ଅର୍ପିତା ମୁଣ୍ଡା, ଦୁମୁନି ମୁର୍ମୁ, ଗୀତା ମୁର୍ମୁ, ସସ୍ମିତା ପ୍ରଧାନ, ମୋନାଲିସା ମୁଣ୍ଡା, ସୁଭଦ୍ରା ଦେହୁରୀ, ବାଲାମଣି ବାନାରା। ସ୍କୁଲରେ ରନ୍ଧା ହୋଇଥିବା ଖାଦ୍ୟ ସମସ୍ତେ ଖାଇବା ପରେ ଅସୁସ୍ଥ ଅନୁଭବ କରିଥିଲେ। ସ୍କୁଲ ତରଫରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କାମାକ୍ଷାନଗର ମେଡିକାଲ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡିଛି। କେଉଁ କାରଣରୁ ଏଭଳି ଘଟଣା ଘଟିଲା ତାହା ଜଣାପଡିନାହିଁ।


ମେଡିକାଲରେ ଭର୍ତ୍ତି ହୋଇଥିବା ଅସୁସ୍ଥ ଛାତ୍ରୀମାନେ।

# ଚାରା ରୋପଣ ସହ ରକ୍ଷଣାବେକ୍ଷଣ ପରାମର୍ଶ

**ଢେଙ୍କାନାଳ ଅଫିସ,୨୩।୫**

ଢେଙ୍କାନାଳ ସଦର ବ୍ଲକ କାଙ୍କଡପାଳ ଗ୍ରାମରେ ସୋମବାର ସଷ୍ଟେନେବୁଲ ଗ୍ରୀନ ଇନିସିଏଟିଭ୍ ସଂସ୍ଥା ଦ୍ୱାରା ଫଳଚାରା ରୋପଣ କରାଯାଇଛି। ଗ୍ରାମର ସାମାଜିକ କର୍ମୀ ବିପିନ ମହାନ୍ତି ପ୍ରାୟ ୨ ଲକ୍ଷ ପିଜୁଳି ଓ ଲେମ୍ବୁ ଚାରା ରୋପଣ କରିବା ପାଇଁ ପ୍ରଦାନ କରିଥିଲେ। ସେଥିମଧ୍ୟରୁ ୧ ଲକ୍ଷ ଚାରା ଢେଙ୍କାନାଳ ଜିଲାରେ ରୋପଣ କରାଯିବ। ତନ୍ମଧ୍ୟରୁ ୪୪ ହଜାର ଚାରା ନିଜ ବାଡିରେ ସାମାଜିକ କର୍ମୀ ରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢି ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଖାଲି ଜମି, ସ୍କୁଲ, ବିଭିନ୍ନ ଅନୁଷ୍ଠାନରେ କିଭଳି ଭାବେ ଚାରା ରୋପଣ ହୋଇପାରିବ ସେଥିପ୍ରତି ଧ୍ୟାନଦେବା ସହ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ।


ଫଳଚାରା ରୋପଣ କାର୍ଯ୍ୟକ୍ରମରେ ଅଧିକାରୀମାନେ।

# ଭାଇଚାରା ବଞ୍ଚାଇ ରଖିଛି ଚନ୍ଦନ ଯାତ୍ରା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବଇଣ୍ଡା,୨୩।୫(ଡି.ଏନ.ଏ)**

- ୨ୟ ଦିବସରେ ୩୦ ହଜାର ଲୋକଙ୍କ ସମାଗମ
- ଦୋଳି, ମିନାବଜାରରେ ପ୍ରବଳ ଗହଳି

ଦୀର୍ଘ ୪୫ ବର୍ଷ ଧରି ଚାଲିଥିବା ବଇଣ୍ଡା ଚନ୍ଦନ ଯାତ୍ରା ଭାଇଚାରା ବଞ୍ଚାଇ ରଖିଛି। ଯେଉଁମାନେ ଏହି ଯାତ୍ରା ଆରମ୍ଭ କରିଥିଲେ ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କ ପରଲୋକ ହୋଇଯାଇଛି। ତଥାପି ଯୁବପିଢ଼ି ଏହି ଯାତ୍ରାକୁ ବଞ୍ଚାଇ ରଖିଛନ୍ତି ବୋଲି ରବିବାର ବଇଣ୍ଡା ଚନ୍ଦନ ମହୋତ୍ସବର ୨ୟ ଦିବସରେ ଆୟୋଜିତ ସଭାରେ ଯୋଗଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ବଇଣ୍ଡା ଛକ ବିକାଶ ପରିଷଦ ଓ ବଇଣ୍ଡା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନ୍ୟତମ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ଭାଜପା ନେତା ଭାଗୀରଥି ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, କଣ୍ଠଶିଳ୍ପୀ ରୁକୁ ସୁନା, ଯାତ୍ରା କମିଟି ସଭାପତି ପ୍ରତାପ କୁମାର ପ୍ରଧାନ ଯୋଗଦେଇ ବଇଣ୍ଡା ଚନ୍ଦନ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ନେଇ ଏକ ଦାବିପତ୍ର ଯାତ୍ରା କମିଟି ପକ୍ଷରୁ ବିଧାୟକ ଓ ଏମ୍‌ପି ପ୍ରତିନିଧିଙ୍କୁ ଦିଆଯାଇଥିଲା। ଯାତ୍ରାକୁ କିଭଳି ରାଜ୍ୟସ୍ତରରେ ସରକାରୀ ଭାବେ ସ୍ଥାନ ପାଇବ ସେ ସମ୍ପର୍କରେ ରାଜ୍ୟ ସଂସ୍କୃତି ବିଭାଗ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବିପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ବିଧାୟକ ନିଜସ୍ୱ ପାଣ୍ଠିରୁ ଯାତ୍ରା ପଡିଆର ଉନ୍ନତି ପାଇଁ ୫୦ ହଜାର ଟଙ୍କା ଘୋଷଣା କରିଥିଲେ। ପରେ ଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ୟ ଦିବସରେ ୩୦ ହଜାରରୁ ଊର୍ଦ୍ଧ୍ୱଙ୍କ ସମାଗମ ହୋଇଥିଲା। ଦୋଳି, ମିନାବଜାରରେ ଲୋକଙ୍କ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବଇଣ୍ଡା ଫାଣ୍ଡି ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିକାଶ ପରିଷଦର ସମ୍ପାଦକ ଜିତେନ୍ଦ୍ର ବେହେରା ଅତିଥି ପରିଚୟ ଦେଇଥିବାବେଳେ ଗିରିଶ ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

